# ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲି., ସମ୍ବଲପୁର

## ସମିତି ସର୍କୁଲାର ନଂ....୧୦.... ତା.୧୦.୦୫.୨୦୧୮

ଏତଦ୍ ଦ୍ୱାରା ସମଲେଶ୍ୱରୀ ଦୁଗ୍ଧ ସଂଘ ଅନ୍ତର୍ଗତ ସମସ୍ତ ସମିତି ସଂପାଦକ/ସଂପାଦିକାମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସମିତିରେ ଦୁଗ୍ଧ ସଂଗ୍ରହ ସମୟରେ ନିମ୍ନଲିଖିତ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦେବେ ।

୧. ଦୁଗ୍ଧ ଅପମିଶ୍ରଣ ଏକ ଘୃଣ୍ୟ କାର୍ଯ୍ୟ ଏବଂ ଆଇନତଃ ଦୋଷାବହ ଅଟେ । ଦୁଗ୍ଧରେ ପାଣି କିମ୍ବା ଅନ୍ୟାନ୍ୟ ବାହ୍ୟ ପଦାର୍ଥ ଏବଂ ରାସାୟନିକ ଦ୍ରବ୍ୟ ଅପମିଶ୍ରଣ ହେଲେ, ଏଥିପାଇଁ ଆଇନଗତ ଦଣ୍ଡ ବ୍ୟବସ୍ଥା ରହିଅଛି । ସେଥିପାଇଁ ଅପମିଶ୍ରଣ ଦୁଗ୍ଧ ଗ୍ରହଣ କରନ୍ତୁ ନାହିଁ ଏବଂ ଅପମିଶ୍ରଣ କ୍ଷୀରର ପରୀକ୍ଷା ସକାଶେ B.M.C ଓ ଡେୟରୀ ସ୍ତରରେ ଅପମିଶ୍ରଣ ପରୀକ୍ଷା କଡାକଡି ଭାବରେ କରାଯାଉଅଛି । ଏଣୁ ସମିତିମାନେ ଅପମିଶ୍ରଣ ଥିବା କ୍ଷୀର ଗ୍ରହଣ କରନ୍ତୁ ନାହିଁ ।

୨. ସମିତି ସଭ୍ୟ/ସଭ୍ୟାମାନଙ୍କଠାରୁ ହିଁ କେବଳ ଦୁଗ୍ଧ ସଂଗ୍ରହ କରନ୍ତୁ । କୌଣସି ଅଣସଭ୍ୟ, ବେପାରୀ କିମ୍ବା ସାମୟିକ ଭାବରେ ଫାଇଦା ଉଠାଉଥିବା ସଭ୍ୟମାନଙ୍କ ଦୁଗ୍ଧ ଆଦୌ ଗ୍ରହଣ କରନ୍ତୁ ନାହିଁ ।

୩. ସମିତିରେ ଦୁଗ୍ଧ ସଂଗ୍ରହ କରିବା ବେଳେ ବର୍ତ୍ତମାନ ପାଣିପାଗକୁ ଆଖି ଆଗରେ ରଖି ଦୁଗ୍ଧର ଅମ୍ଳତା (Acidity) ଏବଂ COB ପରୀକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ । ଉତ୍ପାଦିତ ଦୁଗ୍ଧର ଗୁଣ ଓ ମାନ ଉପରେ କୌଣସି ପ୍ରକାର ବୁଝାମଣା କରାଯିବ ନାହିଁ ।

୪. ସନ୍ଧ୍ୟାକାଳୀନ ଦୁଗ୍ଧ ସଂଗ୍ରହ ସମୟରେ ଅସୁଥିବା ଦୁଗ୍ଧର ଗୁଣାତ୍ମକ ମାନ ଆଖିଦୃଶିଆ କମିଯାଉଥିଲେ ତାର କାରଣ ସଂପର୍କରେ ଅନୁଧ୍ୟାନ କରି ସଭ୍ୟମାନଙ୍କୁ ତାଗିଦ୍ କରନ୍ତୁ ।

୫. ସନ୍ଧ୍ୟାରେ ଯେଉଁ ଦୁଗ୍ଧ ଫେରସ୍ତ କରାଯାଉଛି ତାହା ଯେଭଳି ପର ଦିନ ସକାଳେ ପୁନର୍ବାର ସମିତିକୁ ନ ଆସେ ସେଥିପ୍ରତି ସତର୍କ ରୁହନ୍ତୁ, ନଚେତ୍ ଦୁଗ୍ଧ ଖରାପ ହୋଇଯିବ ।

୬. ସମିତି ସ୍ତରରେ ସଭ୍ୟମାନେ ଦୁଗ୍ଧ ଦୁହିଁବାଠାରୁ ଆରମ୍ଭ କରି ବଲ୍କ କୁଲର କେନ୍ଦ୍ରକୁ ପହଞ୍ଚାଇବା ପର୍ଯ୍ୟନ୍ତ ସମୟ ରେ ଯଥାଶିଘ୍ର ପରିବର୍ତ୍ତନ କରନ୍ତୁ, ଯାହା ଫଳରେ ଦୁଗ୍ଧର ଅମ୍ଳତା (Acidity) ବୃଦ୍ଧି ହେବାରୁ ରକ୍ଷା ପାଇବେ ।

ଉପରୋକ୍ତ ନିୟମାବଳୀକୁ ସମସ୍ତ ସଂପାଦକ/ସଂପାଦିକାମାନେ କଡ଼ାକଡ଼ି ଭାବରେ ଅନୁପାଳନ କରିବେ ନଚେତ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅପମିଶ୍ରିତ କିମ୍ବା ନିମ୍ନମାନର ଦୁଗ୍ଧ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଗଲେ ସେଥିପାଇଁ ଆପଣମାନେ ଦାୟୀ ରହିବେ ।

**ବି.ଦ୍ର :** ଏହାର ଏକ ନକଲ ସମିତି ନୋଟିସ୍ ବୋର୍ଡରେ ଲଗାଇବାକୁ ଜଣାଇ ଦିଆଗଲା ।

ସାଧାରଣ ପରିଚାଳକ

ସୂଚନା କ୍ରମାଙ୍କ....୨୨୧.... ତା.୧୦.୦୫.୨୦୧୮.

ନକଲ ପାଇବେ -- ସମସ୍ତ ସମିତି/ସମସ୍ତ ଦୁଗ୍ଧ ମାର୍ଗ ପରିଦର୍ଶକ/ପରିଦର୍ଶିକା/ଅଞ୍ଚଳ ଭାରପ୍ରାପ୍ତ ଅଧିକାରୀ, ଚିପିଲିମା/ବରଗଡ଼/ ସୋନପୁର/ବନ୍ଧମା

ସାଧାରଣ ପରିଚାଳକ